## ସଂକ୍ଷେପରେ

### ହାଇଲେଭଲ କେନାଲ ଉପରେ ନିର୍ମାଣ ହେବ ୩ ପୋଲ

ଚୌଦ୍ୱାର,୨୭।୪(ଡି.ଏନ୍.ଏ.): ବିରୂପା ନଦୀର ଚୌଦ୍ୱାର ବ୍ୟାରେଜ ନିକଟରୁ ବାହାରି ଯାଜପୁର ଜିଲା ଧାନମଣ୍ଡଳ ନେଉଳପୁର ହୋଇ ଜେନାପୁରଠାରେ ବ୍ରାହ୍ମଣୀ ନଦୀରେ ମିଶିଥିବା ହାଇଲେଭଲ କେନାଲ ଉପରେ ୩ ନୂଆ ପୋଲ ନିର୍ମାଣ କରାଯିବ। ମଙ୍ଗୁଳି-ଓଗରାସାହି ପୁରୁଣା କାଠପୋଲ(ଚାଉଳିଆପୋଲ), ଅଲାରପୁର-କାଟେଣୀ ପୋଲ ଓ ସପନପୁର-ପାତାଳ ସିଙ୍ଗଡ଼ା ପୋଲ ନିକଟରେ ଏହି ନୂତନ ୩ଟି ପୋଲ ନିର୍ମାଣ କରାଯିବ। ଏଥିପାଇଁ ଇଂ. ସନ୍ତୋଷ କୁମାର ମିଶ୍ର, ନିର୍ବାହୀଯନ୍ତ୍ରୀ ଇଂ. ଶିଶିର କୁମାର ଦାସ ଓ ଚୌଦ୍ୱାର ପୌର କନିଷ୍ଠଯନ୍ତ୍ରୀ ସଞ୍ଜୀବ ରାୟ ପ୍ରମୁଖ ପ୍ରସ୍ତାବିତ ସ୍ଥାନ ସର୍ଭେକ୍ଷଣ କରିଛନ୍ତି। ଏହିସବୁ ପୋଲ ନିର୍ମାଣ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୭ଟି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ ବୋଲି ଅଧିକାରୀମାନେ କହିଛନ୍ତି।

### ଆର୍ଥିକ ସହାୟତା ରାଶି ବଣ୍ଟନ

କଟକ ସଦର,୨୭।୪(ଡି.ଏନ୍.ଏ.): କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ବଣ୍ଟନ କରାଯାଇଥିଲା। ସାମାଜିକ ଦୂରତା ବଜାୟ ରଖି ବିଡିଓ ରାଜୀବ ଲୋଚନ ପରିଡା, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ବିଜେଡି ବ୍ଲକ ସଭାପତି ପ୍ରମୋଦ ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ସମର ବେହେରା ଏହି ସହାୟତା ରାଶି ବଣ୍ଟନ କରିଥିଲେ। ଓଡ଼ିଶା ଜୀବିକା ମିଶନ ସଂଯୋଜିକା ସୋନାଲି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ୍ ୨୫୦ ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ସହାୟତା ପାଇଁ ମନୋନୀତ ହୋଇଛନ୍ତି।

### ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ନିଶ୍ଚିନ୍ତକୋଇଲି, ୨୭।୪(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ବରପଡ଼ାସ୍ଥିତ ସାଧକନଗରରେ ୫୦ ଲକ୍ଷ ବ୍ୟୟରେ ନିର୍ମିତ ଏକ ପାନୀୟ ଜଳ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କୋଭିଡ୍ କଟକଣା କାରଣରୁ ଯୋଗ ଦେଇ ପାରି ନ ଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମର ବରିଷ୍ଠ ନାଗରିକ ବଟକୃଷ୍ଣ ସାହୁ ଏହି ପାନୀୟଜଳ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପସଭାପତି ଅଶୋକ ଓଝା, ସାଧୁ ସେଠୀ, ମାୟାଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୦ରୁ ଊର୍ଦ୍ଧ୍ୱ ଭାଜପା ନେତା ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ବ୍ଲକ ଉପସଭାପତି ଓଝାଙ୍କ ଦ୍ୱାରା ବଡ଼କ୍ଷୀରଠାରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି।

# ପଟିଆ, ଖଣ୍ଡଗିରି, ନୟାପଲ୍ଲୀ ହଟ୍‌ସ୍ପଟ୍

ଭୁବନେଶ୍ୱର, ୨୭।୪ (ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ଉପରମୁହାଁ ହେବାରେ ଲାଗିଛି। ରାଜ୍ୟରେ ଖୋର୍ଦ୍ଧା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ରାଜଧାନୀ ଭୁବନେଶ୍ୱର ବେକାବୁ ହେବାକୁ ବସିଲାଣି। ଗତ ୨୪ଘଣ୍ଟାରେ ଖୋର୍ଦ୍ଧା ଜିଲାରେ ୧୦୯୨ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେବଳ ଭୁବନେଶ୍ୱରରୁ ୭୭୩ଜଣ ସଂକ୍ରମିତ ରହିଛନ୍ତି। ୧୪୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରର ହୋଇଥିବାବେଳେ ୬୩୨ଜଣ ଲୋକାଲ କେସ୍। ତେବେ ଗତ କିଛିଦିନ ହେବ ହଟ୍‌ସ୍ପଟ୍ ପାଲଟିଥିବା ପଟିଆରୁ ମଙ୍ଗଳବାର ମଧ୍ୟ ସର୍ବାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଉକ୍ତ ଅଞ୍ଚଳରୁ ୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ନୟାପଲ୍ଲୀରୁ ୪୨, ଖଣ୍ଡଗିରିରୁ ୪୧, ଚନ୍ଦ୍ରଶେଖରପୁରରୁ ୩୨, ବରମୁଣ୍ଡାରୁ ୧୮, ବଡଗଡରୁ ୧୩, ଲକ୍ଷ୍ମୀସାଗରରୁ ୧୬, ଜୟଦେବ ବିହାରରୁ ୧୬, ଢୁମୁଢୁମାରୁ ୧୧, ଜାଗମରାରୁ ୧୧, ବିଜେବି ନଗରରୁ ୯, ୟୁନିଟ-୯ରୁ ୨୧, ସୁନ୍ଦରପଦାରୁ ୧୮, ୟୁନିଟ-୬ରୁ ୨୦, ପୁରୁଣା ଭୁବନେଶ୍ୱରରୁ ୨୨, ପୋଖରୀପୁଟରୁ ୧୨, ଶାସ୍ତ୍ରୀ ନଗରରୁ ୧୧, ନିଳାଦ୍ରୀ ବିହାରରୁ ୭, ପଳାଶୁଣୀରୁ ୧୦, ଟଙ୍କପାଣି ରୋଡ୍‌ରୁ ୧୪, ଶହୀଦ ନଗରରୁ ୧୦, ରସୁଲଗଡରୁ ୭, ପାତ୍ରପଡାରୁ ୮, ଭିଏସ୍‌ଏସ୍ ନଗରରୁ ୫ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଗତ ୨୪ଘଣ୍ଟାରେ ୩୪୩ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୧ହଜାର ୪୦୧ ଥିବାବେଳେ ୩୫ହଜାର ୨୨୭ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୫ହଜାର ୮୯୬ଜଣ ସକ୍ରିୟଙ୍କ ଚିକିତ୍ସା ଜାରି ରହିଛି।



## ୧୯୨୯ ସହ ଯୋଡ଼ିହେଲା ୧୦୪

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

**ଉଭୟ ନମ୍ବରରେ ମିଳିବ କୋଭିଡ୍ ସଂକ୍ରାନ୍ତ ସେବା**

ରାଜଧାନୀ ଭୁବନେଶ୍ୱରରେ ନାଗରିକଙ୍କ କୋଭିଡ୍ ସମ୍ପର୍କିତ ଅନୁସନ୍ଧାନ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ୨୪ଘଣ୍ଟା ସେବା ଯୋଗାଉଥିବା ୧୯୨୯ ନମ୍ବରକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ସଂଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ସମ୍ପର୍କିତ ସୂଚନା ପାଇଁ ବହୁ ସଂଖ୍ୟାରେ ଲୋକମାନେ ୧୯୨୯ ନମ୍ବରକୁ କଲ କରୁଥିବାରୁ ସମସ୍ତ କଲ୍‌କୁ ରିସିଭ୍ କରିବା ସମ୍ଭବ ହୋଇପାରୁ ନାହିଁ। ତେଣୁ ୧୯୨୯ ବ୍ୟତୀତ ୧୦୪ ନମ୍ବରକୁ ମଧ୍ୟ ଲୋକେ ଫୋନ୍ କରି କରୋନା ସମ୍ପର୍କିତ ତଥ୍ୟ ପାଇପାରିବେ। ସେହିପରି ଘରେ ପୃଥକ୍ ଭାବେ ରହୁଥିବା ସଂକ୍ରମିତଙ୍କ ପାଇଁ ଡାକ୍ତରୀ ପରାମର୍ଶ, ସିଫ୍ଟିଙ୍ଗ୍, ଆମ୍ବୁଲାନ୍ସ ସେବା ଯୋଗାଣ, ପୃଥକ୍‌ବାସର ନିୟମିତ ସମୀକ୍ଷା, ପରାମର୍ଶ ଓ ମାନସିକ ସାନ୍ତ୍ୱନା ପାଇଁ ୧୦୪ ସହ ମିଶି କାମ କରିବାକୁ ପଡ଼ିବ ବୋଲି କମିଶନର କହିଛନ୍ତି। ଉତ୍ତମ ସଂଯୋଜନା ପାଇଁ ୧୯୨୯ ଓ ୧୦୪ରେ ସଂଶ୍ଳିଷ୍ଟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ତେଣୁ ଏବେଠାରୁ ୧୯୨୯ ସେବା ଓ ୧୦୪ର ସେବା କିପରି ବର୍ତ୍ତମାନ ପରିସ୍ଥିତିରେ ଅଧିକ ସକ୍ରିୟ ହୋଇପାରିବ ସେ ସଂକ୍ରାନ୍ତରେ କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଆଲୋଚନା କରିଥିଲେ। ବୈଠକରେ କୋଭିଡ ଅବ୍‌ଜର୍ଭର ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମୁଖ୍ୟ ସଚିବ ଅନୁ ଗର୍ଗ, ଶ୍ରମ କମିଶନର ଡ. ଏନ୍. ତିରୁମାଲା ନାୟକ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସଚିବ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।





କଟକ ଟାଉନ୍ ହଲ୍‌ରେ ମଙ୍ଗଳବାର ମାସିକ ଚଳଚ୍ଚିତ୍ର ପତ୍ରିକା ସିନେମା ସଂସାର ପକ୍ଷରୁ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଶାନ୍ତିରାଜ ଖୋସ୍‌ଲାଙ୍କୁ ଶ୍ରେଷ୍ଠ ସଙ୍ଗୀତକାର ସମ୍ମାନ ପ୍ରଦାନ କରାଯାଉଛି।

## ୨ ସ୍ମାର୍ଟ ସ୍କୁଲ ଘୋଷିତ

କଟକ ସଦର,୨୭।୪(ଡି.ଏନ୍.ଏ.)

କଟକ ସଦର ନିର୍ବାଚନ ମଣ୍ଡଳୀର କୂଳସରିରୁଆଁ ଓ ଖାନ୍‌ନଗର ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲରେ ପରିଣତ କରାଯାଇଛି। ଏ ନେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ସୁପାରିଶକୁ ସରକାର ଗ୍ରହଣ କରିଥିବାରୁ ବିଜେଡି ନେତା ସମର ବେହେରା, ପ୍ରମୋଦ ମହାପାତ୍ର, ଅକ୍ଷୟ ପରିଡ଼ା, ବିଭୂତି ଭୂଷଣ ପରିଡା ଓ ରଜନୀକାନ୍ତ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୪୧ ପଜିଟିଭ୍ ଚିହ୍ନଟ

ସାଲେପୁର/ବଡ଼ମ୍ବା, ୨୭।୪(ଡି.ଏନ୍.ଏ.)

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ୭୨ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ବଡ଼ମ୍ବା ବ୍ଲକରୁ ଗତ ୨ ଦିନରେ ୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ୧୩ ଓ ମଙ୍ଗଳବାର ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ବଡ଼ମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ। ଦିନକୁ ଦିନ ଉଭୟ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ତଥ୍ୟ ନ ଦେବାରୁ ରୋଗୀ ସମ୍ପର୍କୀୟଙ୍କ ହୋହଲ୍ଲା

ଭୁବନେଶ୍ୱର,୨୭।୪(ବ୍ୟୁରୋ)

**ଘରୋଇ ହସ୍ପିଟାଲରେ ଉତ୍ତେଜନା**

ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ରୋଗୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନିଆଯାଉଛି। କିନ୍ତୁ ନିୟମିତ ଭାବେ ରୋଗୀଙ୍କ ସମ୍ପର୍କୀୟଙ୍କୁ ତଥ୍ୟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଏଭଳି ଅଭିଯୋଗ ଆଣି ଜଣେ ରୋଗୀଙ୍କ ସମ୍ପର୍କୀୟ ଲକ୍ଷ୍ମୀସାଗର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ହୋ ହଲ୍ଲା କରିଥିଲେ। ଫଳରେ କିଛି ସମୟ ଧରି ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସୂଚନା ମୁତାବକ, ଗତ ରବିବାର ରସୁଲଗଡର ଜଣୈକ ମହିଳାଙ୍କର ପେଟ ଯନ୍ତ୍ରଣା ହେଉଥିବାରୁ ସେ କଳ୍ପନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ନ ଥିବା ଦର୍ଶାଇ ରୋଗୀଙ୍କୁ ସେହିଦିନ ଲକ୍ଷ୍ମୀସାଗର ଅଞ୍ଚଳର ଅନ୍ୟ ଏକ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ରୋଗୀ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ତାଙ୍କୁ ଦେଖିବାକୁ ସମ୍ପର୍କୀୟ ଚାହିଁଥିଲେ ମଧ୍ୟ ସୁଯୋଗ ଦିଆଯାଇ ନ ଥିଲା। ଏହାକୁ ନେଇ ସମ୍ପର୍କୀୟମାନେ ହୋ ହାଲ୍ଲା କରିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ପୂର୍ବ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ସମସ୍ତ ଖର୍ଚ୍ଚ ବହନ କରିବାକୁ ରାଜି ହେବାପରେ ରୋଗୀଙ୍କ ସମ୍ପର୍କୀୟ ଶାନ୍ତ ପଡ଼ିଥିଲେ। ଅନ୍ୟପଟେ, ରୋଗୀ ବ୍ରେନ ଡେଡ୍ ଅବସ୍ଥାରେ ରହିଛନ୍ତି। ଅବସ୍ଥା ଗୁରୁତର ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଜାଣିଶୁଣି କୋଭିଡ ଆକ୍ରାନ୍ତ ଦର୍ଶାଇ ସ୍ୱତନ୍ତ୍ର ଭାବେ ଚିକିତ୍ସା କରୁଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଝିନି



@ ସୁଶାନ୍ତ



@ ସୌମ୍ୟ



@ ଦୁର୍ଗାପ୍ରସାଦ



@ ସୋନାଲି



@ କୁନୁ

## ବେଧଡ଼କ ଚାଲିଛି ବେଆଇନ ଇଟାଭାଟି

ନରସିଂହପୁର,୨୭।୪(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଲିଣ୍ଡା ଅଞ୍ଚଳରେ ବେଆଇନ ଇଟା ବ୍ୟବସାୟ ବେଧଡ଼କ ଚାଲିଛି। ଇଟାଭାଟି ଧୂଆଁରେ ସ୍ଥାନୀୟ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଏନେଇ ଜାନୁୟାରୀ ୨୮ରେ ଜିଲିଣ୍ଡା ଅଞ୍ଚଳର ବରିଷ୍ଠ ନାଗରିକ କମିଟି ତରଫରୁ ନରସିଂହପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ପୁନର୍ବାର ଏପ୍ରିଲ ୧୯ରେ ବେଆଇନ ଇଟା କାରବାର ଚାଲିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ମାତ୍ର ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛନ୍ତି। ତୁରନ୍ତ ବେଆଇନ ଇଟାଭାଟିଗୁଡ଼ିକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନାଗରିକ କମିଟି ପକ୍ଷରୁ ଶଙ୍କର୍ଷଣ ପ୍ରଧାନ, ସୁରେଶଚନ୍ଦ୍ର ସାହୁ ନିରଞ୍ଜନ ଜେନା, ସଞ୍ଜୟ କୁମାର ଦାଲୁଆ ଓ ଯୁଧିଷ୍ଠିର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଆଲୋକ ରଞ୍ଜନ ଦେହୁରୀ କହିଛନ୍ତି, ଅଭିଯୋଗ ପରେ ତଦନ୍ତ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେ ନିଜେ ଜିଲିଣ୍ଡା ଆସି ବେଆଇନ ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।



ଚୈତ୍ରମାସର ଶେଷ ମଙ୍ଗଳବାରରେ ଭୁବନେଶ୍ୱର ନୂଆପଲ୍ଲୀ ଗଡ଼ସାହିରେ ମହିଳାମାନେ ମାଁ ମଙ୍ଗଳାଙ୍କୁ ପୂଜା କରୁଛନ୍ତି।

## ବ୍ୟବସାୟ ମାନ୍ଦା, ଚିନ୍ତାରେ ବ୍ୟବସାୟୀ

କଟକ ଅଫିସ,୨୭।୪

**କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ରାତ୍ରିକାଳୀନ କର୍ଫ୍ୟୁ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ କରିଛନ୍ତି। ଏହାର ପ୍ରଭାବ ବ୍ୟବସାୟୀଙ୍କ ଉପରେ ପଡିଛି। ଗତବର୍ଷ ଲକ୍‌ଡାଉନ୍ ଯୋଗୁ ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ପଡିଥିଲା। କିଛି ମାସ ପରେ ପରିସ୍ଥିତିରେ ସୁଧାର ଆସିବାରୁ ସେମାନେ ପୁଣିଥରେ ନିଜ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଏବେ ପୁଣି ରାତ୍ରିକାଳୀନ କର୍ଫ୍ୟୁ ଓ ଶଟ୍‌ଡାଉନ୍ ଯୋଗୁ ସେମାନଙ୍କ ବ୍ୟବସାୟ ମାନ୍ଦା ହୋଇଛି। ଆଗାମୀ ଦିନରେ ଏହାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି। କଟକ ମାଲଗୋଦାମ, ଛତ୍ରବଜାର, ପିଠାପୁର, ହରିପୁର, ଚୌଧୁରୀବଜାରରେ ଥିବା ହୋଲସେଲିଂ ଦୋକାନରେ ସବୁ ସମୟରେ ଭିଡ ପରିଲକ୍ଷିତ ହୋଇଥାଏ। ସେହିପରି ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ନିମଚୌଡି, ନୟାସଡ଼କ, କଲେଜ ଛକ, ଦୋଳମୁଣ୍ଡାଇ ଅଞ୍ଚଳରେ ଥିବା ଡ୍ରେସ ଦୋକାନ, ଜୁଏଲେରି, ଲୁଗା ଓ ଜଳଖିଆ ଦୋକାନ, ଫାଷ୍ଟଫୁଡ୍, ଶପିଂ ମଲ ଏବଂ ରେଷ୍ଟୁରାଣ୍ଟରେ ସନ୍ଧ୍ୟାବେଳେ ଗ୍ରାହକଙ୍କ ଭିଡ ଲାଗିଥାଏ। ହେଲେ ଏବେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହୋଇଥିବାରୁ ରାତି ୮ଟାରୁ ବଜାର ଖାଁ ଖାଁ ଲାଗୁଛି। ଫଳରେ ଆଗ ଅପେକ୍ଷା ଏବେ କାରବାର କମିଯାଇଛି। କ୍ଷତି ସହିବା ଅପେକ୍ଷା କିଛିଦିନ ପାଇଁ ଦୋକାନ ବନ୍ଦ କରିଦେବାକୁ କେତେଜଣ ବ୍ୟବସାୟୀ ନିଷ୍ପତ୍ତି ନେଇଥିବା ଜଣାପଡିଛି। କରୋନା ଭୟ ସାଙ୍ଗକୁ ପୋଲିସର କଡ଼ା ଆଭିମୁଖ୍ୟ ବ୍ୟବସାୟୀଙ୍କ ଉପରେ ପ୍ରଭାବ ପକାଇଛି।

### ଆଗକୁ କମିବ ବ୍ୟବସାୟ

କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ନାଇଟ୍ କର୍ଫ୍ୟୁ, ଶଟ୍‌ଡାଉନ ଲାଗୁ କରାଯାଇଛି। ଏହାର ପ୍ରଭାବ ମାଲଗୋଦାମ ବ୍ୟବସାୟୀଙ୍କ ଉପରେ ପଡୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ୨୦ରୁ ୩୦ ପ୍ରତିଶତ ବ୍ୟବସାୟ ହ୍ରାସ ପାଇଥିବାବେଳେ ଆଗକୁ ଏହା ଆହୁରି କମିବା ନେଇ ଆଶଙ୍କା ପ୍ରକାଶ ପାଇଛି।

**-ଲକ୍ଷ୍ମୀଧର ସାହୁ, ସଭାପତି, କଟକ ବଣିକ ସଂଘ**

### ୫୦ ପ୍ରତିଶତ କ୍ଷତି ସହିବାକୁ ପଡ଼ିବ



ନାଇଟ କର୍ଫ୍ୟୁ ତୁଳନାରେ ୨ ଦିନିଆ ଶଟ୍‌ଡାଉନ ରୋଜଗାରକୁ ଅଧିକ ପ୍ରଭାବିତ କରିଛି। ୧ ମାସ ମଧ୍ୟରେ ଯେତିକି ବ୍ୟବସାୟ ହୁଏ, ସେଥିମଧ୍ୟରୁ ୫୦ ପ୍ରତିଶତ ଶନିବାର ଓ ରବିବାର ହୋଇଥାଏ । କିନ୍ତୁ ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ଆଗାମୀ ଦିନରେ ଆମକୁ ୫୦ ପ୍ରତିଶତ କ୍ଷତି ସହିବାକୁ ପଡିବ।

**-ଅମିତ୍ ଅଗ୍ରୱାଲ, ବ୍ୟବସାୟୀ**

### ୫୦୦ ଟଙ୍କା ରୋଜଗାର କରିବା କଷ୍ଟକର



ଗତବର୍ଷ କରୋନା ପ୍ରଭାବ ଯୋଗୁ ବ୍ୟବସାୟ ସମ୍ପୂର୍ଣ୍ଣ କ୍ଷତିରେ ଚାଲିଥିଲା। ପରିସ୍ଥିତିରେ ସୁଧାର ଆସିବା ପରେ ଗୋଟିଏ ସନ୍ଧ୍ୟାରେ ପ୍ରାୟ ୧୦ ହଜାର ଟଙ୍କା ବ୍ୟବସାୟ ହେଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତିରେ ୫୦୦ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡୁଛି।

**-ସୌମ୍ୟରଞ୍ଜନ ସାହୁ, ରେଷ୍ଟୁରାଣ୍ଟ ମାଲିକ**

### ଫଳ ପଚିଯିବାରୁ କ୍ଷତି ସହିବାକୁ ପଡୁଛି



କରୋନା ଯୋଗୁ ବ୍ୟବସାୟ କମିଛି। ଅନ୍ୟପକ୍ଷରେ ପ୍ରବଳ ଗରମ ଯୋଗୁ ଦୋକାନରେ ଫଳଗୁଡିକ ରହି ପଚିଯାଉଛି। ଏଥିଯୋଗୁ ଆମକୁ କ୍ଷତି ସହିବାକୁ ପଡୁଛି।

**-ପଦ୍ମନାଭ ସାହୁ, ଫଳ ବ୍ୟବସାୟୀ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୮ ଏପ୍ରିଲ, ୨୦୨୧

## ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

କାକଟପୁର,(ଡି.ଏନ୍.ଏ.): କାକଟପୁର ଥାନା ଅଧୀନ ଜଲେଶ୍ୱରପଡ଼ା ପଞ୍ଚାୟତ ନରେନ୍ଦ୍ରପୁର ନାଥସାହି ଗ୍ରାମରେ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସୋମବାର ରାତିରେ ଏହି ଗ୍ରାମର ଜଣଙ୍କ ଘରେ ଉକ୍ତ ଯୁବକ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ପାଟି କରିବାରୁ ତାଙ୍କ ସ୍ୱାମୀ ଉଠି ଯୁବକଙ୍କୁ କାବୁ କରିଥିଲେ। ଯୁବକଙ୍କୁ ବାନ୍ଧି ସକାଳ ପର୍ଯ୍ୟନ୍ତ ରଖିଥିଲେ। ପରେ ଚପଲ ମାଳ ପକାଇ ଗାଁରେ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା।






୨୭.୦୪.୨୦୨୧

| ୧୫୩୦ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### କଣାସ ବ୍ଲକରେ ୩୨ ପଜିଟିଭ ଚିହ୍ନଟ

କଣାସ,୨୭।୪(ସ୍ୱ.ପ୍ର): କଣାସ ବ୍ଲକର ମଙ୍ଗଳବାର ଆଣ୍ଟିଜେନ୍ ଟେଷ୍ଟରେ ୧୦ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆର୍‌ଟି-ପିସିଆର୍ ଟେଷ୍ଟ କରିଥିବା ୨୨ଜଣଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଛି। ଦିନକରେ ୩୨ଜଣ ରୋଗୀ ଚିହ୍ନଟ ହୋଇଥିବାରୁ କଣାସ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚିହ୍ନଟ ୩୨ଜଣଙ୍କ ମଧ୍ୟରୁ ୪ଜଣ ହରିଦ୍ୱାର କୁମ୍ଭମେଳାରୁ ଫେରିଥିବା ଜଣାପଡ଼ିଛି। ବ୍ଲକରେ ମୋଟ ସଂକ୍ରମିତ ସଂଖ୍ୟା ୮୫ ପହଞ୍ଚିଛି। ତେଣୁ ସମସ୍ତ ଜନସାଧାରଣ କୋଭିଡ ନିୟମ ମାନି ମାସ୍କ ପିନ୍ଧିବା, ଜରୁରି କାର୍ଯ୍ୟ ଥିଲେ ବାହାରକୁ ଯିବା, ସାମାଜିକ ଦୂରତ୍ୱ ରଖିବା ପାଇଁ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇଆଇସି ତପନ ରାଉତ, ଗଡିଶାଗୋଦା ଆଇଆଇସି ଦେବାଶିଷ ମିଶ୍ର ଅନୁରୋଧ କରିଛନ୍ତି।

### ଅପହରଣ ଅଭିଯୋଗରେ ଯୁବକ ଗିରଫ

ପୁରୀ ଅଫିସ,୨୭।୪: ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିବା ଅଭିଯୋଗରେ ପୁରୀ ତାଳବଣିଆ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଥାନା ଅନ୍ତର୍ଗତ ସିଦ୍ଧମହାବୀର ଜମ୍ବେଶ୍ୱର ମନ୍ଦିର ନିକଟ ରବି ପ୍ରଧାନ। ଏ ନେଇ ପୋଲିସ କେସ ନଂ. ୧୮୯ /୪ରେ ମାମଲା ରୁଜୁ କରିଛି। ଗତ ବର୍ଷ ଡିସେମ୍ବର ୨୫ ତାରିଖରେ ରବି ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ତଦନ୍ତ କରି ଫେବୃଆରୀ ୯ରେ ନାବାଳିକାଙ୍କୁ ଉଦ୍ଧାର କରିଥିବାବେଳେ ଅଭିଯୁକ୍ତ ଫେରାର ଥିଲେ। ଅଭିଯୁକ୍ତ ଗାଁରେ ଥିବା ଖବର ପାଇ ପୋଲିସ ମଙ୍ଗଳବାର ଚଢ଼ାଉ କରି ଧରିଥିଲେ।

### ମା’ ନେଳେଇଶୁଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୨୭।୪(ସ୍ୱ.ପ୍ର): ପିପିଲି ଭାରତୀପୁର ପଞ୍ଚାୟତର ହସନପୁର ଗ୍ରାମରେ ଥିବା ମା’ ନେଳେଇଶୁଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଦୁଇବର୍ଷ ଧରି ବନ୍ଦ ଥିବାବେଳେ ଏବର୍ଷ କଟକଣାରେ ରୀତିନୀତି ଅନୁଯାୟୀ ମହାଯଜ୍ଞ କାର୍ଯ୍ୟ ପାଳନ ହୋଇଛି। ମଙ୍ଗଳବାର ସ୍ୱଳ୍ପ ଶ୍ରଦ୍ଧାଳୁଙ୍କ ମଧ୍ୟରେ ହୋମ ଯଜ୍ଞ କରାଯାଇଛି। ମୁଖ୍ୟ ପୁରୋହିତ ଧ୍ରୁବ ଚନ୍ଦ୍ର ଦାଶଙ୍କ ପୌରାହିତ୍ୟରେ ମା’ଙ୍କ ର ପ୍ରଥମ ନୀତିକାନ୍ତି କରାଯାଇ ବିଧି ମୁତାବକ ହୋମ ଯଜ୍ଞ କରାଯାଇଛି।

# କାମ କରୁନି ଆର୍‌ଟି-ପିସିଆର୍ ଟେଷ୍ଟିଂ ମେଶିନ

ପୁରୀ ଅଫିସ,୨୭।୪

■ ସବୁ ସାମ୍ପୁଲ୍ ପଜିଟିଭ୍ ଦେଖାଉଛି

■ ୪ ଦିନ ପରେ ବି ମିଳିପାରୁନି ରିପୋର୍ଟ

କୋଭିଡ୍-୧୯ ସଂକ୍ରମଣ ଚିହ୍ନଟ ପାଇଁ କରାଯାଉଥିବା ଆର୍‌ଟିପିସିଆର ପରୀକ୍ଷା ରିପୋର୍ଟ ୪୮ଘଣ୍ଟାରେ ମିଳିବା କଥା। ହେଲେ ପୁରୀରେ ଏହା ମିଳିବାରେ ବିଳମ୍ବ ହେଉଛି। ଗତ ୨୩ ତାରିଖରେ ଆର୍‌ଟିପିସିଆର୍ ଟେଷ୍ଟ କରାଇଥିବା ବ୍ୟକ୍ତିମାନେ ୯୬ ଘଣ୍ଟା ପରେ ମଧ୍ୟ କୋଭିଡ୍ ରିପୋର୍ଟ ପାଇପାରି ନାହାନ୍ତି। ପୁରୀ ଆଇଡିଏଚ୍ ହସ୍ପିଟାଲ ଲ୍ୟାବ୍‌ରେ ଥିବା ଆର୍‌ଟିପିସିଆର୍ ଟେଷ୍ଟିଂ ମେଶିନ ଠିକ୍ ଭାବେ କାମ କରୁନାହିଁ। ଫଳରେ ଏଠାରୁ ନମୁନାକୁ ଭୁବନେଶ୍ୱର ଜିନସ୍ଥିତ ରେଡ୍ କ୍ଲିଫ୍ ଲାବୋରେଟୋରିକୁ ପଠାଯାଉଛି। ସେଠାରୁ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବା କାରଣରୁ ଲୋକେ ରିପୋର୍ଟ ଠିକ୍ ସମୟରେ ପାଇପାରୁ ନାହାନ୍ତି। ଆଇଡିଏଚ୍ ହସ୍ପିଟାଲ୍‌ରେ ଥିବା ଆର୍‌ଟିପିସିଆର୍ ଟେଷ୍ଟିଂ ମେଶିନ୍‌କୁ ଠିକ୍ କରାଇବା ପାଇଁ ଆହୁରି ୩ରୁ ୪ ଦିନ ସମୟ ଲାଗିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଗିରିଜା ଶଙ୍କର ରଥ କହିଛନ୍ତି। ସେହିଭଳି ଆଇଡିଏଚ୍‌ରେ ଆରଟିପିସିଆର୍ ଟେଷ୍ଟ ଦାୟିତ୍ୱରେ ଥିବା ମାଇକ୍ରୋ ବାୟୋଲୋଜିଷ୍ଟଙ୍କ କହିବା ଅନୁଯାୟୀ, ସାଧାରଣତଃ ଆର୍‌ଟିପିସିଆର୍ ଟେଷ୍ଟିଂ ମେଶିନରେ ନେଗେଟିଭ୍ ଓ ପଜିଟିଭ୍ ଭଳି ୨ଟି କଣ୍ଟ୍ରୋଲ୍ ଥାଏ। ନେଗେଟିଭ୍ କଣ୍ଟ୍ରୋଲ୍‌ରେ ସାମ୍ପୁଲ ନେଗେଟିଭ୍ ଦେଖାଇଥିବାବେଳେ ପଜିଟିଭ୍ କଣ୍ଟ୍ରୋଲରେ ପଜିଟିଭ୍ ସଙ୍କେତ ଦେଖିବାକୁ ମିଳିଥାଏ। ମାତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏବେ ଉଭୟ ନେଗେଟିଭ୍ ଓ ପଜିଟିଭ୍ କଣ୍ଟ୍ରୋଲ୍‌ରେ ପଜିଟିଭ୍ ଦେଖାଉଛି। ଯେ କୌଣସି ସାମ୍ପୁଲ ଟେଷ୍ଟ ପାଇଁ ଦେଲେ, ପଜିଟିଭ୍ ହିଁ ଦେଖାଉଛି। ମେଶିନରେ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଦେଖାଦେଉଛି। ଯାନ୍ତ୍ରିକ ସମସ୍ୟା ନେଇ ଆର୍‌ଏମ୍‌ଆର୍‌ସି ଓ ଲ୍ୟାବ ଇନଷ୍ଟଲେଶନ୍ କରିଥିବା କମ୍ପାନୀକୁ ସୂଚନା ଦିଆଯାଇଛି। କମ୍ପାନୀ ପକ୍ଷରୁ ଯନ୍ତ୍ରୀ ଆସି ମେଶିନକୁ ମଙ୍ଗଳବାର ଠିକ୍ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମସ୍ୟା ଧରିବାରେ ସମର୍ଥ ହୋଇପାରି ନାହାନ୍ତି ବୋଲି ବାୟୋଲୋଜିଷ୍ଟ କହିଛନ୍ତି।

ଟେଷ୍ଟିଂ ଦାୟିତ୍ୱରେ ଥିବା ଅଧିକାରୀ ଅଶୋକ କୁମାର ସାହୁ କହିଛନ୍ତି, ଗତ ୨୩, ୨୪ ଓ ୨୫ ତାରିଖରେ ୭ଶହ ଲେଖାଏ ଟେଷ୍ଟିଂ ହୋଇଥିବାବେଳେ ଏହା ପରଠାରୁ ଜିଲାରେ ଟେଷ୍ଟିଂ ସଂଖ୍ୟା ୪ଶହକୁ ଖସି ଆସିଛି। ତେବେ ଏଯାବତ୍ ୨୩ତାରିଖରେ ଟେଷ୍ଟ କରିଥିବା ବ୍ୟକ୍ତିଙ୍କ ରିପୋର୍ଟ ମିଳିପାରି ନାହିଁ ବୋଲି ସାହୁ କହିଛନ୍ତି। ଏଡିଏମ୍‌ଓ ଗିରିଜା ଶଙ୍କର ରଥ ମଧ୍ୟ ରିପୋର୍ଟ ବିଳମ୍ବ ହେବା କଥାକୁ ସ୍ୱୀକାର କରିଛନ୍ତି। ଗତ ୨୩ ତାରିଖରେ କୋଭିଡ୍ ଆର୍‌ଟିପିସିଆର୍ ଟେଷ୍ଟ କରିଥିବା ମିଥୁନ ଜେନାଙ୍କ କହିବା ହେଲା ୪ଦିନ ପରେ ମଧ୍ୟ ତାଙ୍କୁ ଟେଷ୍ଟ ରିପୋର୍ଟ ମିଳିପାରି ନାହିଁ। ତାଙ୍କ ସ୍ୱାସ୍ଥ୍ୟ ଏବେ ଗୁରୁତର ଥିଲେ ମଧ୍ୟ ସେ ହୋମ୍ ଆଇସୋଲେଶନ୍‌ରେ ରହିବାକୁ ବାଧ୍ୟ ହୋଇଛନ୍ତି। ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କୁ ଫୋନ କରି ପଚାରିଲେ ତୁମର ଏପର୍ଯ୍ୟନ୍ତ ରିପୋର୍ଟ ଆସି ନ ଥିବାରୁ ଆମେ କରୋନା ଔଷଧ ଦେଇପାରିବୁ ନାହିଁ ବୋଲି କହୁଛନ୍ତି। ଫଳରେ ବାଧ୍ୟ ହୋଇ ଘରେ ରହି ରିପୋର୍ଟକୁ ଅପେକ୍ଷା କରିବାକୁ ପଡୁଛି ବୋଲି ମିଥୁନ କହିଛନ୍ତି।


ପୁରୀ ବଉଳ ମଠ ଲେନ୍‌ରେ ମହିଳାମାନେ ଚୈତ୍ର ମାସର ଶେଷ ମଙ୍ଗଳବାର ପୂଜା କରୁଛନ୍ତି।

# ଯାତ୍ରା କଳାକାର ଜଗବନ୍ଧୁ ରାଉତଙ୍କ ପରଲୋକ

ଭୁବନେଶ୍ୱର (ବ୍ୟୁରୋ)/ବଲଙ୍ଗା, ୨୭।୪ (ଡି.ଏନ୍.ଏ.)



ଓଡ଼ିଆ ଯାତ୍ରା ଜଗତର ଲୋକପ୍ରିୟ କଳାକାର ତଥା ବର୍ଷୀୟାନ ହାସ୍ୟ ଅଭିନେତା ଜଗବନ୍ଧୁ ରାଉତ (ଜଗା)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ କରୋନାରେ ସଂକ୍ରମିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ପୁରୀ ଜିଲା ବଲଙ୍ଗାର କାଳିଆପଦା ଗ୍ରାମରେ ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କର କଳା ପ୍ରତି ଦୁର୍ବଳତା ରହିଥିଲା। ୧୯୫୮ ମସିହାରେ ସେ ଯାତ୍ରାରେ ପେସାଦାର ଜୀବନ ଆରମ୍ଭ କରିଥିଲେ। ତେବେ ୧୯୬୮ରେ ସାତଶଙ୍ଖ ଗଣନାଟ୍ୟରେ ଯୋଗଦେବା ପରେ ତାଙ୍କୁ ସଫଳତା ମିଳିଥିଲା। ପରେ କୋଣାର୍କ ଓ କଳିଙ୍ଗ ଗଣନାଟ୍ୟ ଆଦି ଅନେକ ଯାତ୍ରାନୁଷ୍ଠାନରେ କାମ କରିଥିଲେ। ନିଜର ନିଖୁଣ ଅଭିନୟ ଓ କମେଡି ଡାଏଲଗ୍‌ରେ ସେ ଦର୍ଶକଙ୍କ ଓଠରେ ହସ ଫୁଟାଇବାରେ ମାହିର୍ ଥିଲେ। ଦୀର୍ଘ ୬୨ବର୍ଷର ଅଭିନୟ ଜୀବନ ଭିତରେ ‘ରାଜଧାନୀ ତତେ ଦୂରୁ ଜୁହାର’, ‘କହଲୋ ବଉଳ କିଏ ତୋ ବର’, ‘ନ କହିଲେ କୁଳ ଭାସିଯାଉଛି’, ‘ଆକାଶ କଇଁଆ ଚିଲିକା ମାଛ’, ‘କାଗଜ ଫୁଲ’, ‘ବୋହୂ ଆଣିଥିଲି ବେଶ୍ୟାପଡ଼ାରୁ’, ‘କଉଡ଼ି ଖେଳ’, ‘ଦୁଃଖ ଦେଇଗଲା ଦରଦୀ ବନ୍ଧୁ’ ଭଳି ଅନେକ ଯାତ୍ରାରେ ସେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି।

## ସମାଧାନ ପାଇଁ ଯାଇଥିବା ଯୁବକଙ୍କ ମୃତ୍ୟୁ

କଣାସ,୨୭।୪(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦେଉପୁର ପଞ୍ଚାୟତର ବ୍ରାହ୍ମଣପାଟଣା ଗ୍ରାମରେ ଜଣେ ନାବାଳିକା ଅପହରଣ ନେଇ ହୋଇଥିବା ବିବାଦକୁ ସମାଧାନ କରିବାକୁ ଯାଇଥିବାବେଳେ ଜଣେ ଯୁବକ ଆକ୍ରମଣର ଶିକାର ହୋଇ ମୃତ୍ୟୁ କରିଛନ୍ତି। ସେ ହେଲେ ଗଡ଼ିଶାଗୋଦା ଥାନା ଅଧୀନ ବରପଦା ଗ୍ରାମର ଦିଲୀପ ମହାପାତ୍ର। ଖବର ପାଇ ଗଡ଼ିଶାଗୋଦା ଆଇଆଇସି ଦେବାଶିଷ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଦିଲୀପଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏହାସହ ପୋଲିସ ଏକ ମାମଲା (ନଂ.୧୩୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ଗତ ୨ଦିନ ତଳେ ନାବାଳିକା ଅପହରଣ ସମ୍ପର୍କରେ ତାଙ୍କ ପିତା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ନାବାଳିକାଙ୍କ ବିବାଦ ଚାଲିଥିବାବେଳେ ଦିଲୀପ ଏହାଶୁଣି ସମାଧାନ କରିବାକୁ ତାଙ୍କ ଘରକୁ ଯାଇଥିଲେ। ବୁଝାଇବା ବେଳେ ନାବାଳିକାଙ୍କ ଭିଣୋଇଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଭିଣୋଇ ଓ ତାଙ୍କ ସହଯୋଗୀ ଉତ୍ତ୍ୟକ୍ତ ହୋଇ ଦିଲୀପଙ୍କୁ ଆକ୍ରମଣ କରିଥିଲେ। ହେଲେ ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ହୋଇଯିବାରୁ ଦୁହେଁ ଫେରାର ହୋଇଯାଇଥିଲେ। ପରେ ଦିଲୀପଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପଟେ ଅପହରଣ କରିବାକୁ ଆସିଥିବା ଭୁଷଣ୍ଡପୁର ଅଞ୍ଚଳର୨ ଯୁବକଙ୍କୁ ପୋଲିସ ଗିରଫ କରିଛି।

# ନିର୍ବାଚନରେ ନିଯୁକ୍ତ ଶିକ୍ଷକଙ୍କୁ କରୋନା ଯୋଦ୍ଧା ସମ୍ମାନ ଦାବି

ପୁରୀ ଅଫିସ, ୨୭।୪

ମେ ୧୬ରେ ପିପିଲିରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ଶିକ୍ଷକ ଏବଂ କର୍ମଚାରୀଙ୍କୁ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଉ ଦାବି କରି ପୁରୀ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ଏବେ ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏଭଳି ପରିସ୍ଥିତିରେ ପିପିଲିରେ ଉପନିର୍ବାଚନ ହେବାକୁ ଯାଉଛି। ଏଥିରେ ନିଯୋଜିତ ହେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନେ କରୋନାରେ ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଯେଉଁ ଶିକ୍ଷକ ଏବଂ କର୍ମଚାରୀମାନେ କରୋନା ଟିକା ଏପ୍ରିଲ ୧ ଏବଂ ୨ ରେ ନେଇଛନ୍ତି, ସେମାନଙ୍କୁ ଦ୍ୱିତୀୟ ଡୋଜ ଦେବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ । ସେହିପରୀ ନିର୍ବାଚନରେ ନିଯୋଜିତ ହେବାକୁ ଥିବା ଶିକ୍ଷକ ଏବଂ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବରେ ସରକାର ଘୋଷଣା କରନ୍ତୁ ବୋଲି ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସାଧାରଣ ସମ୍ପାଦକ ରାମ ନାରାୟଣ ଦାସ, ସଭାପତି ସୋମନାଥ ନନ୍ଦ, ସଂଗଠନ ସମ୍ପାଦନ ଶିବଦତ୍ତ ନାୟକ, ସଂଯୋଜକ ପ୍ରଦୀପ୍ତ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ବ୍ରଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ସବୁ ଧର୍ମାନୁଷ୍ଠାନ, ପାର୍କ ମେ ୧୫ ଯାଏ ବନ୍ଦ

ପୁରୀ ଅଫିସ/ବ୍ରହ୍ମଗିରି, ୨୭।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀ ଜିଲାର ସମସ୍ତ ଧର୍ମାନୁଷ୍ଠାନ, ପାର୍କକୁ ବନ୍ଦ କରି ଦିଆଯାଇଛି। ମେ ୧୫ ତାରିଖ ପର୍ଯ୍ୟନ୍ତ ମଠ, ମନ୍ଦିର, ମସଜିଦ୍ ଓ ଚର୍ଚ୍ଚ ସମେତ ସବୁ ଧର୍ମାନୁଷ୍ଠାନ ଓ ପାର୍କଗୁଡ଼ିକ ବନ୍ଦ ରହିବ। ଧର୍ମାନୁଷ୍ଠାନଗୁଡ଼ିକରେ ସାଧାରଣ ଲୋକେ ପ୍ରବେଶ କରିପାରିବେ ନାହିଁ ଓ କେବଳ ରୀତିନୀତି ଅନୁସାରେ ଦର୍ଶନ ହେବ। ମେ ୧୫ ପରେ ଜିଲାରେ ସଂକ୍ରମଣର ସ୍ଥିତିକୁ ନଜର ଦେଇ ଧର୍ମାନୁଷ୍ଠାନ ଓ ପାର୍କ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ସଂକ୍ରମଣ ରୋକିବା ପାଇଁ ଏଭଳି ନିଷ୍ପତ୍ତି ଆବଶ୍ୟକତା ରହିଥିଲା। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଧର୍ମାନୁଷ୍ଠାନ ଓ ପାର୍କଗୁଡ଼ିକୁ ଜନସାଧାରଣ ପ୍ରବେଶ କରନ୍ତୁ ନାହିଁ। କେହି ପ୍ରବେଶ କରିବାର ଦେଖିବାକୁ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ଆମୋଦ ପ୍ରମୋଦ ଉଦ୍ୟାନ, ଦୋଳି, ମିନା ବଜାର ତଥା ଏ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକଳାପ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଜିଲା ପ୍ରଶାସନର ଏହି ନିଷ୍ପତ୍ତି ଆସିବା ପରେ ଜିଲାର ଅନେକ ପ୍ରମୁଖ ମନ୍ଦିର, ପାର୍କ ବୁଧବାରଠାରୁ ବନ୍ଦ ହେବା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଣାଯାଇଛି। କୋଣାର୍କ, ଅଲାରନାଥ, କାକଟପୁର ମଙ୍ଗଳା, ହରଚଣ୍ଡୀ, ରାମଚଣ୍ଡୀ ଭଳି ମନ୍ଦିର ବନ୍ଦ ହୋଇଛି। ଉଲ୍ଲେଖଯୋଗ୍ୟ, ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ଶ୍ରୀମନ୍ଦିରକୁ ମଧ୍ୟ ମେ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରିଛନ୍ତି।

# କରୋନା ସ୍ଥିତି ପରଖିଲେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

ନିମାପଡ଼ା,୨୭।୪(ଡି.ଏନ.ଏ.)


ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୀତିରଞ୍ଜନ ସେନ୍ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ନୀତିରଞ୍ଜନ ସେନ ମଙ୍ଗଳବାର ନିମାପଡ଼ା ଗସ୍ତ କରି ସ୍ଥାନୀୟ ମହାବିଦ୍ୟାଳୟରେ କରୋନା ରୋଗୀଙ୍କ ପାଇଁ ଖୋଲାଯାଇଥିବା ୭୨ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର(ସିସିସି) ପରିଦର୍ଶନ କରିଛନ୍ତି। ଏହାପରେ ପିଡି ସେନ୍ ବ୍ଲକ କାର୍ଯ୍ୟାଳୟରେ ନିମାପଡ଼ାରେ କରୋନା ସ୍ଥିତିକୁ ନେଇ ସମୀକ୍ଷା କରିଥିଲେ। କରୋନା କଟକଣା, ନିମାପଡ଼ାରେ କରୋନାର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥା ଓ ପଦକ୍ଷେପ, ଗ୍ରାମାଞ୍ଚଳରେ ଜନସଚେତନତା କରାଯିବା ନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପଶ୍ଚିମବଙ୍ଗ, ଛତିଶଗଡ଼, ମହାରାଷ୍ଟ୍ର ସମେତ ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଉପରେ କଡ଼ା ନଜର ରଖିବାକୁ ପିଡି ସେନ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଟିକାଦାନ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ବିଡିଓ ମନୋଜ କୁମାର ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ସେନାପତି, ନିମାପଡ଼ା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ରେଳ ସାମଗ୍ରୀ ଚୋରି କରି ଯୁବକ ଗିରଫ

ପୁରୀ ଅଫିସ, ୨୭।୪

ରେଳ ବିଭାଗର ସମ୍ପତ୍ତି ନଷ୍ଟ କରିବା ସହ ରେଳ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୁରୀ ରେଲୱେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ପିକେଡିଏ କଲୋନିର ଶାଗର ନାୟକ। ରେଲୱେ ପୋଲିସ ନଂ. ୨/୨୧ରେ ମାମଲା ରୁଜୁ କରିଛି। ନଷ୍ଟ ହୋଇଥିବା ରେଲୱେ ସମ୍ପତ୍ତି ସହ ଚୋରି ହୋଇଥିବା କପର ତାରର ମୂଲ୍ୟ ହାରାହାରି ୧୫ ହଜାର ହେବ ବୋଲି ରେଲୱେ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି ।

# ଧୀବର ସମ୍ପ୍ରଦାୟର ନୌକା ପୂଜୋତ୍ସବ


ମତ୍ସ୍ୟଜୀବୀମାନେ ଚୈତ୍ର ପୂର୍ଣ୍ଣିମାରେ ନିଜ ନୌକାକୁ ପୂଜା କରୁଛନ୍ତି।

କଣାସ,୨୭।୪(ସ୍ୱ.ପ୍ର)

ନୌକା ଉପରେ ନିର୍ଭର କରି ଚଳୁଥିବା ଧୀବର ସମ୍ପ୍ରଦାୟମାନେ ମଙ୍ଗଳବାର ଚୈତ୍ରପୂର୍ଣ୍ଣିମା ଉପଲକ୍ଷେ ନୌକା ପୂଜା ଉତ୍ସବ ପାଳନ କରିଛନ୍ତି। କଣାସ ବ୍ଲକର ନୂଆଦୋକନ୍ଦା, ଦୟାବିହାର, ଜଙ୍କିଆ, କଉଡିଖିଣି, ଜାଗୁଳେଇପଦର, ନଈକୂଳ ପାଟଣା, କରମଳା, ହରିହରପାଟଣା, ସରସ୍ୱତୀନଗର, ଗଙ୍ଗାଧରପୁର ଓ ଅନ୍ୟାନ୍ୟ ଗ୍ରାମରେ ଧୀବର ପରିବାରମାନେ ପ୍ରଭାତରୁ ଗୋମୟରେ ଗୃହ ଲିପାପୋଛା କରିଥିଲେ। ପରେ ବିଭିନ୍ନ ରଙ୍ଗବେରଙ୍ଗର ଝୋଟି ପକାଇ ବ୍ୟବସାୟରେ ଲାଗୁଥିବା ନିକିତି, ବୋଝ ଧୋଇବାପରେ ଝୋଟି ପଡ଼ିଥିବା ଗୃହରେ ରଖି ଖିରି ବିଭିନ୍ନ ପିଠାପଣା ଭୋଗ କରିବାପରେ ଡଙ୍ଗାକୁ ପ୍ରଭାତରୁ ଧୋଇ ନଦୀରେ ରଖିଯାଆନ୍ତି। ଗ୍ରାମରୁ ବାଦ୍ୟ, ଘଣ୍ଟ ଧ୍ୱନି ମଧ୍ୟରେ ସମସ୍ତ ଧୀବର ପରିବାର ନିଜ ନିଜର ଡଙ୍ଗା ପୂଜାପାଇଁ ପିଠା, ଫଳ ଧରି ନଦୀ କୂଳକୁ ଯାଇ ନିଜ ଡଙ୍ଗାରେ ଫୁଲଚନ୍ଦନ, ଧୂପଦୀପ ଦେବାସହିତ ନୂତନ ବସ୍ତ୍ର ଡଙ୍ଗା ଆଗ ମଙ୍ଗରେ ବାନ୍ଧି ମା’ ବାସୁଆଳୀଙ୍କୁ ପୂଜାର୍ଚ୍ଚନା କରନ୍ତି।

# ଡ୍ରାଇଭର ମହାସଂଘ ପକ୍ଷରୁ ପରିବହନ ଅଧିକାରୀଙ୍କୁ ଦାବିପତ୍ର

ପୁରୀ ଅଫିସ,୨୭।୪

ଓଡ଼ିଶା ଡ୍ରାଇଭର ମହାସଂଘର ଗାଡ଼ିଗୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ସମୟରେ କାର୍ଯ୍ୟରେ ଲଗାଯାଉ ନାହିଁ। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ପରିବହନ କାର୍ଯ୍ୟାଳୟ ନିକଟରେ ଧାରଣା ଦେବା ସହ ପରିବହନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା କାରଣରୁ ପୂର୍ବରୁ ସଂଘର କର୍ମକର୍ତ୍ତାମାନଙ୍କର ଅବସ୍ଥା ଖରାପ ଥିବାବେଳେ ବର୍ତ୍ତମାନ ପରିବହନ ବିଭାଗର ଏଭଳି ନିଷ୍ପତ୍ତି ଫଳରେ ଜୀବିକା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ମହାସଂଘ ସଭାପତି ଅଜିତ ମିଶ୍ର କହିଛନ୍ତି। ମହାସଂଘର ଅନେକ ଡ୍ରାଇଭରଙ୍କର ନିଜସ୍ୱ ଗାଡ଼ି ରହିଛି କିନ୍ତୁ ସେମାନଙ୍କ ଗାଡ଼ିଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯାଉନାହିଁ। କୋଭିଡ୍ ପରିଚାଳନାରେ କେବଳ ମାଲିକ ସଂଘର ଗାଡ଼ିଗୁଡିକୁ ନିୟୋଜିତ କରାଯାଉଛି। କିନ୍ତୁ ଜଣେ ହେଲେ ମଧ୍ୟ ଡ୍ରାଇଭରଙ୍କ ଗାଡ଼ି ଲାଗୁନାହିଁ। ଏ ନେଇ ଆରଟିଓଙ୍କୁ କହିବାରେ ସେ ମାଲିକ ସଂଘ ସହ ଯୋଗାଯୋଗ କରିବାକୁ କହିଥିଲେ। ତେବେ ମାଲିକ ସଂଘ ସହ ଯୋଗାଯୋଗ କରିବାରେ ସେମାନେ ପ୍ରଥମେ ୫୦୦ ଟଙ୍କା ଦେଇ ମେମ୍ବର ହେବାକୁ କହିବା ସହ ନମ୍ବର ଆସିଲେ ଗାଡ଼ି କାର୍ଯ୍ୟରେ ନିୟୋଜିତ ହେବ ବୋଲି କହୁଛନ୍ତି। ଏପରି ହେଲେ ଡ୍ରାଇଭରମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ସେହିପରି ଆରଟିଓ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ଅଛନ୍ତି ଯେଉଁମାନେ ଟଙ୍କା ନେଇ ବେଆଇନ ଭାବରେ ଅନ୍ୟ ଗାଡ଼ିଗୁଡିକୁ କାର୍ଯ୍ୟରେ ନିଯୋଜିତ କରୁଛନ୍ତି। ତେଣୁ ମହାସଂଘର ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ପରିବହନ ଅଧିକାରୀ ମହାସଂଘର ଗାଡିଗୁଡିକୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଅନୁମତି ଦିଅନ୍ତୁ ବୋଲି ସଂଘ ଦାବି କରିଛି । ନଚେତ ଆଗାମୀ ଦିନରେ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ସଂଘ ପକ୍ଷରୁ କୌଣସି ଗାଡ଼ି ପ୍ରଶାସନକୁ ଯୋଗାଇ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ସହ ଆଗକୁ ସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ମିଶ୍ର ସୂଚନା ଦେଇଛନ୍ତି ।

# କଟକଣାରେ ସରିଲା ମା’ ମଙ୍ଗଳାଙ୍କ ଝାମୁଯାତ୍ରା

କାକଟପୁର,୨୭।୪(ଡି.ଏନ.ଏ.)





କାକଟପୁର ମା’ ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରାର ଶେଷ ପାଳି ଯାତ୍ରା ବା ଝାମୁ ଯାତ୍ରା କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ରାତ୍ର ୩ଟାରୁ ମା’ଙ୍କର ପହୁଡ଼ ଖୋଲାଯାଇ ସ୍ନାନ ମାର୍ଜନା କରାଯିବା ପରେ ମାଙ୍କୁ ଦିବ୍ୟ ବେଶରେ ସଜ୍ଜିତ କରାଯାଇ ଦର୍ଶନ ପାଇଁ ବେଶ କବାଟ ଖୋଲିଥିଲା। ପରେ ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ କରାଯାଇଥିଲା। ମଙ୍ଗଳବାର ଝାମୁଯାତ୍ରା ଥିବାରୁ ମନ୍ଦିର ପୂର୍ବ ଦ୍ୱାରରେ ଝାମୁ ପାଇଁ ପ୍ରସ୍ତୁତି ଚାଲିଥିଲା। ପ୍ରାୟ ଦିନ ଗୋଟାଏ ବେଳକୁ ଘଣ୍ଟପାଟୁଆମାନେ ପ୍ରାଚୀନଦୀରୁ ପାଣିତୋଳି ମନ୍ଦିର ଭିତରେ ପ୍ରବେଶ କରି ମା’ଙ୍କ ନିକଟରେ ପାଣି ଢାଳି ଝାମୁଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରା ଶେଷ ହେବା ପରେ ପ୍ରଥମ ଅନ୍ନ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ଧୂପ କରାଯିବା ପରେ ପହୁଡ଼ ପଡିଥିଲା। ସନ୍ଧ୍ୟା ପୂର୍ବରୁ ମନ୍ଦିର ଖୋଲାଯାଇ ଆଳତି କରାଯିବା ପରେ ମା’ଙ୍କୁ ପୁନଃ ସ୍ନାନ ଓ ମାର୍ଜନା କରାଯାଇଥିଲା। ସ୍ନାନ ମାର୍ଜନା ପରେ କାଳିକା ନୃତ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ କାଳିକା ବେଢା ପରିକ୍ରମା କରିଥିଲେ। ଏହାପରେ ରାତ୍ରୀ ନୀତି ଆରମ୍ଭ ହୋଇ ଅନ୍ନ ଧୂପ, ବଡ଼ସିଂହାର ପରେ ପହୁଡ଼ ପଡିଥିଲା। ପୂଜାପଣ୍ଡା ଭାବେ ଶରତ ଦୀକ୍ଷିତ ଥିବାବେଳେ ବେଶରେ ଅନ୍ୟ ପୂଜାପଣ୍ଡାମାନେ ସହଯୋଗ କରିଥିଲେ। ପୋଲିସ ପ୍ରଶାସନ ମନ୍ଦିରକୁ ଚାରିପଟୁ ଘେରି ସର୍ବସାଧାରଣ ମନ୍ଦିରକୁ ଯିବା ଉପରେ ରୋକ ଲଗାଇଥିଲା। ମୋଟାମୋଟି ଭାବେ ଦିନଟି ଶୃଙ୍ଖଳାରେ ମା’ଙ୍କର ଝାମୁଯାତ୍ରା ସମାପନ ହୋଇଥିଲା।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୮ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### କୋଭିଡ ନିୟମ ଉଲ୍ଲଂଘନ: ୩ ଦୋକାନ ସିଲ୍

**ବ୍ରହ୍ମଗିରି,୨୭।୪(ଡି.ଏନ.ଏ):** ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମଣ ରୋକିବା ଲାଗି ସରକାର ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ମାତ୍ର କେତେଜଣ ଅମାନିଆ ଏହି ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ତହସିଲଦାର, ପୋଲିସ ମିଳିତଭାବେ ଚଢ଼ାଉକରି ଏକ ଡ୍ରେସ ଦୋକାନ, ଚିକେନ ଦୋକାନ ଏବଂ ଏକ ଟ୍ରଙ୍କ ଦୋକାନ ସିଲ୍ କରିଛି। ଦୋକାନ କର୍ମଚାରୀ ଓ ଗ୍ରାହକ ମାସ୍କ ପିନ୍ଧି ନ ଥିବା ଏବଂ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିବାରୁ ଏହି ଦୋକାନକୁ ସିଲ୍ କରାଯାଇଛି।

### ଦିନକରେ ୮୫ ପଜିଟିଭ

**ଖୋର୍ଦ୍ଧା ଅଫିସ,୨୭।୪:** ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍‌ଦେଇ)ରେ ମଙ୍ଗଳବାର ୮୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ମୋଟ ୧୪,୨୭୭ରେ ପହଞ୍ଚିଛି। ସେଥିରୁ ୧୩,୬୯୭ଜଣ ସୁସ୍ଥ ହୋଇଥିବା ବେଳେ ୫୭ଜଣଙ୍କ ମୃତ୍ୟୁ ଘଟିଛି। ୫୪୧ଜଣ ସକ୍ରିୟ ରହିଛନ୍ତି। ଦିନକରେ ହୋଇଥିବା ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୭, ବାଲିପାଟଣା ୨, ଭୁବନେଶ୍ୱର ବ୍ଲକ ୯, ଜଟଣୀ ୧୯, ଖୋର୍ଦ୍ଧା ୧୪, ବେଗୁନିଆ ୬, ବୋଲଗଡ଼ରୁ କେହି ଆକ୍ରାନ୍ତ ନ ଥିବା ବେଳେ ଟାଙ୍ଗୀରୁ ୭, ଚିଲିକା ୩, ବାଣପୁର ୬, ଅନ୍ୟ ଜିଲାରୁ ୧୦ ଏବଂ ବିଏମ୍‌ସି (ଏଠାରେ ଆସି ସଂକ୍ରମିତ)ରୁ ୨ଜଣ ରହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଉପଖଣ୍ଡରେ ମୋଟ ୩୮୧ଜଣ ଆକ୍ରାନ୍ତ ହୋଇଛନ୍ତି। ତନ୍ମଧ୍ୟରୁ ୧୦୮ ଜଣ ସୁସ୍ଥ ହୋଇଥିବା ବେଳେ ୨୭୩ଜଣ ସକ୍ରିୟ ରହିଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରି ଜଣାଇଛନ୍ତି।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**ପୁରୀ ଅଫିସ,୨୭।୪:** ସାହିତ୍ୟିକ ଅନୁଷ୍ଠାନ ସୃଜନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ବାନାମ୍ବର ପାଠାଗାର ପରିସରରେ ପାଳିତ ହୋଇଛି। ସଂସଦର ଉପସଭାପତି ଅଧ୍ୟାପକ ମୀନକେତନ ପଟ୍ଟଯୋଶୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମହାପ୍ରଭୁଙ୍କ ସେବକ ତଥା ସାହିତ୍ୟିକ ରାଧାକୃଷ୍ଣ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ବିଶେଷ ଭୂମିକା ରହିଥିଲା ବୋଲି କହିଥିଲେ। ଗଜପତି ମହରାଜଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଥିଲା। କାର୍ଯ୍ୟକ୍ରମରେ କବି ଯୋଗେଶ୍ୱର ପ୍ରହରାଜ ଏବଂ ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଟିକା ଲାଗି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଲମ୍ବା ଧାଡ଼ି

**ଗୋପ,୨୭।୪(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ମଙ୍ଗଳବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକା ଲାଗି ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳିଥିଲା। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଆଉ ୮ ଗୋଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କୁ କରୋନା ଟିକା ଦିଆଯାଉଛି। ହେଲେ ମଙ୍ଗଳବାର ଲୋକମାନଙ୍କ ଆସିବା ସଂଖ୍ୟା ଧୀରେ ଧୀରେ ବଢ଼ିଯାଇଥିବାରୁ ଟିକା ଦେବାରେ ସାମାନ୍ୟ ବିଳମ୍ବ ହୋଇଥିଲା। ଫଳରେ କିଛି ସମୟ ପର୍ଯ୍ୟନ୍ତ ଲୋକଙ୍କୁ ଲାଇନରେ ରହି ଅପେକ୍ଷା କରିବାକୁ ପଡ଼ିଥିଲା। ଅନ୍ୟପଟେ ସଂକ୍ରମଣ ଯେପରି ଅଧିକ ନ ହୁଏ ସେଥିପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ମଧ୍ୟ ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରିବା ସହିତ ଏହାକୁ କିପରି ପ୍ରତିରୋଧ କରାଯିବ ଦୃଷ୍ଟି ଦିଆଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଏ ପର୍ଯ୍ୟନ୍ତ ୨୦ ହଜାରରୁ ଅଧିକ ଲୋକଙ୍କୁ କରୋନା ଟିକା ଦିଆଯାଇଥିବା ବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କରୋନା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ପ୍ରତି ଦୃଷ୍ଟି ରଖାଯାଇଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଙ୍ଗରାଜ କହିଛନ୍ତି ।

# ରାସ୍ତାରୁ ହଟିଲେ ଉଠା ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ,୨୭।୪**

ଖୋର୍ଦ୍ଧା ଜିଲା ସମେତ ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଖୋର୍ଦ୍ଧା ପୌରାଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣ ଲାଗି ରାସ୍ତାକଡ଼ରେ ବସୁଥିବା ଉଠା ବ୍ୟବସାୟୀଙ୍କୁ ମଙ୍ଗଳବାର ପୋଲିସ ଏବଂ ପ୍ରଶାସନ ପକ୍ଷରୁ ହଟାଯାଇଛି। ଟ୍ରାଫିକ ଛକଠାରୁ ନୂଆବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱରେ ବସୁଥିବା ପରିବା, ଫଳ ବ୍ୟବସାୟୀଙ୍କୁ ହାଟେଳି ପଡିଆସ୍ଥିତ ଅସ୍ଥାୟୀ ପରିବା ବଜାରକୁ ସ୍ଥାନାନ୍ତର କରାଯାଇଛି। ୨ମିଟର ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଏବଂ କୋଭିଡ୍ ନିୟମ ପାଳନ ପୂର୍ବକ ବେପାର କରିବା ଲାଗି ତାଗିଦ୍ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସଂକ୍ରମଣ ରୋକିବା ଲାଗି ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନରେ କୌଣସି ଗ୍ରାହକ ବସି ଖାଇବା ଉପରେ କଟକଣା ଜାରି କରାଯାଇଛି। ଗ୍ରାହକଙ୍କୁ ପାର୍ସଲ ଦେବା ଲାଗି କୁହାଯାଇଛି। ବାରମ୍ବାର ତାଗିଦ୍ ସତ୍ତ୍ୱେ କେତେଜଣ ବ୍ୟବସାୟୀ ନିୟମ ଉଲ୍ଲଂଘନ କରୁଛନ୍ତି। ଏଣିକି ଆଉ ତାଗିଦ୍ ନୁହଁ, ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ସହ ଦୋକାନ ସିଲ୍ କରାଯିବ। କୋଭିଡ୍ ଉଲ୍ଲଂଘନ ନେଇ ପୂର୍ବରୁ ୩ଟି ଦୋକାନ ସିଲ୍ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ ଏକ ଏନ୍‌ଫୋର୍ସମେଣ୍ଟ ଟିମ ବଜାରରେ ସଚେତନ କରୁଛନ୍ତି। ସେହିପରି ଆରଆରଟି ଟିମ୍ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ସହ ଯୋଗାଯୋଗ ରଖିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।




## ଟିକାକରଣ କେନ୍ଦ୍ରରେ ଠେଲାପେଲା

କୋଭିଡ୍ ସଂକ୍ରମଣ ରୋକିବା ଲାଗି ସରକାର କୋଭିଡ୍ ଟିକାକରଣ ଏବଂ ଅଧିକ ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ୪୫ ବର୍ଷ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଟିକାକରଣ ଚାଲିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳ (ବିଏମ୍‌ସିକୁ ବାଦଦେଇ)ରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୩୫ଟି କେନ୍ଦ୍ରରେ ଏହି ଟିକାକରଣ ଚାଲିଛି। ତେବେ ଟିକାକରଣ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ନାମ ପଞ୍ଜୀକରଣ ଓ ଟିକା ନେବା ପାଇଁ ଟିକାକରଣ କେନ୍ଦ୍ର ଫାଟକ ଆଗରେ ଲୋକେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡ଼ା ହୋଇ ରହିବା ସହ ଠେଲାପେଲା ହେଉଛନ୍ତି। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ଟ୍ରମା କେୟାର ଟିକାଦାନ କେନ୍ଦ୍ରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହି ନ ଥିଲା। ବିଶେଷତଃ ଟିକା ନେବା ପାଇଁ ଆସୁଥିବା ବରିଷ୍ଠ ନାଗରିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଏଣିକି ଜରିମାନା ସହ ଦୋକାନ ସିଲ୍ କରାଯିବ

# ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ଏସ୍‌ପି

**ଗୋପ,୨୭।୪(ଡି.ଏନ୍.ଏ.)**

କରୋନା ସଂକ୍ରମିତ ରୋକିବା ଲାଗି ସରକାର ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ପୋଲିସ ମଧ୍ୟ କରୋନାକୁ ରୋକିବା ପ୍ରତି ପ୍ରୟାସ ଜାରି ରଖିଛି। କେତେକ ଅମାନିଆ ସରକାରଙ୍କ ନିର୍ଦ୍ଦେଶକୁ ଖାତିର କରୁ ନ ଥିବାବେଳେ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଫାଇନ କରୁଛି। କିନ୍ତୁ ବୁଧବାରଠାରୁ ଅଧିକ ମାତ୍ରାରେ ପୋଲିସ ଅମାନିଆଙ୍କୁ ସାବାଡ଼ କରିବା ନେଇ ମଙ୍ଗଳବାର ଗୋପ ଥାନା ପରିଦର୍ଶନରେ ଆସିଥିବା ଜିଲା ଏସ୍‌ପି କେ.ବିଶାଲ ସିଂ ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଥାନାଧିକାରୀ ପ୍ରଧାନ କଟକଣା ନିର୍ଦ୍ଦେଶକୁ ନେଇ ଗୋପ ଓ ନୟାହାଟ ଫାଣ୍ଡି ଅଞ୍ଚଳରେ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ୮୧ ହଜାର ୧୦୦ ଟଙ୍କା ଫାଇନ ଆଦାୟ କରାଯାଇଛି। ଏହାସହ ୧୬ଟି ଅମାନିଆଙ୍କ ଦୋକାନକୁ ସିଲ କରାଯାଇ ୧୬ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ଏସ୍‌ପି ସିଂ ଙ୍କୁ ସୂଚନା ଦିଆଯାଇଥିଲା। ପରେ ଏସ୍‌ପି ସିଂ ଥାନା ଅଞ୍ଚଳରେ ଅପରାଧ ଘଟାଉଥିବା ଅପରାଧୀଙ୍କୁ ଧରିବା ସହ ଅପରାଧ କମାଇବା ଦିଗ ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କରୋନା କଟକଣା ଓ ସାଧାରଣ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ସାଧାରଣଲୋକଙ୍କୁ ବୁଝାଇବା ଉପରେ ନଜର ଦେବାକୁ ଏସ୍‌ପି କହିଥିଲେ। ଏସ୍‌ପିଙ୍କ ଗସ୍ତ ସମୟରେ ଗୋପ ଥାନା ଏସ୍‌ଆଇ ପ୍ରିୟା ପ୍ରଧାନ, ଉପେନ୍ଦ୍ର ଦାଶ, ଏଏସ୍‌ଆଇ ରାଧାଶ୍ୟାମ ନାୟକ, ହାବିଲଦାର ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଗୋପ ଥାନାରେ ଏସ୍‌ପି କେ.ବିଶାଲ ସିଂ।

## ୧୩ ବେଆଇନ ପାଣି ସଂଯୋଗ କାଟିଲା ପ୍ରଶାସନ

**ସାକ୍ଷୀଗୋପାଳ, ୨୭।୪ (ଡି.ଏନ.ଏ./ସ୍ୱ.ପ୍ର.)**

ଖରାତାତି ସାଙ୍ଗକୁ ଜଳକଷ୍ଟରେ ଲୋକେ ନାନା ହଟହଟା ହେଉଥିବା ବେଳେ ସତ୍ୟବାଦୀ ବ୍ଲକର ବିଭିନ୍ନ ଗ୍ରାମରେ ବେଆଇନ ପାନୀୟ ଜଳ ସଂଯୋଗ କରାଯାଇଛି। ଫଳରେ ଶେଷ ମୁଣ୍ଡକୁ ପାଣି ଯାଉନାହିଁ। ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଦୁଗଲ ଓ ବିଶ୍ୱନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲୋକେ ବେଆଇନ ଭାବେ ପାଣି ପାଇପ ଲାଇନରେ ଟ୍ୟାପ ସଂଯୋଗ କରିଥିବା, ପାନୀୟ ଜଳ ନିଜ ନିଜର ଫସଲ କିଆରି, ଗୋଶାଳା, ଝାଉଁ ବଗିଚା ଓ ଇଟାଭାଟିରେ ବ୍ୟବହାର କରୁଥିଲେ। ତେବେ ପ୍ରାୟ ୧୩ଟି ବେଆଇନ ସଂଯୋଗ ହୋଇଥିବା ପାଇପକୁ ପ୍ରଶାସନ କାଟି ଦେବା ସହିତ ଗ୍ରାମ୍ୟ ଜଳ ଗୋଟିଏ ପାଣି ପମ୍ପ ଓ ପ୍ରାୟ ୫ ଶହଫୁଟ ପାଇପ ଜବତ କରାଯାଇଛି। ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ଏହି ଚଢ଼ାଉରେ ବିଡିଓ କ୍ଷୀରୋଦ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଅନିତା ରାଜ ପଣ୍ଡା ଓ ସତ୍ୟବାଦୀ ପୋଲିସ ସାମିଲ ହୋଇଥିଲେ। ବିଶ୍ୱନାଥ ପୁର ଗ୍ରାମର ୨ଜଣ, ଦୁଗଲ ଗ୍ରାମର ୩ଜଣ, ବାରବୋଡିଆ ସାହିର ୩ଜଣ, ବାମଦେଇପୁର ଗ୍ରାମର ୨ଜଣ ଓ ଅଠାଇଶ ଗ୍ରାମର ୩ଜଣ ବ୍ୟକ୍ତିଙ୍କର ଏହି ବେଆଇନ ପାନୀୟ ଜଳ ସଂଯୋଗ କାଟି ଦିଆଯାଇଛି।

## ବାଇକ୍ ଚୋରି ଅଭିଯୋଗ

**ଜଟଣୀ,୨୭।୪(ଡି.ଏନ୍.ଏ.)**

ଜଟଣୀସ୍ଥିତ ଗୋଲେଇ ଓ ନ୍ୟୁ ମାର୍କେଟର ଏକ ଦୋକାନ ସମ୍ମୁଖରୁ କେହି ଦୁର୍ବୃତ୍ତ ମଙ୍ଗଳବାର ଏକ ବାଇକ୍ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଉମାକାନ୍ତ ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। କୋଭିଡ୍ ସମୟରେ ଜଟଣୀ ଅଞ୍ଚଳରେ ଦିନକୁ ଦିନ ଚୋରି, ଛିନ୍ତାଇ ବଢ଼ି ଚାଲିଛି। ଏଥିପ୍ରତି ଜଟଣୀ ପୋଲିସ ଦୃଷ୍ଟିଦେବାକୁସାଧାରଣରେଦାବିହେଉଛି।

# କୋଭିଡ୍ ଟେଷ୍ଟ ପାଇଁ ହଟହଟା


କୋଭିଡ୍ ଟେଷ୍ଟ ପାଇଁ ଲୋକମାନେ ଅପେକ୍ଷା କରିଛନ୍ତି।

**ଖୋର୍ଦ୍ଧା ଅଫିସ,୨୭।୪**

କୋଭିଡ୍ ନିୟନ୍ତ୍ରଣ ଲାଗି ସରକାର କୋଭିଡ୍ ଟେଷ୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ସମେତ ୧୦ଟି ସିଏଚ୍‌ସି କେନ୍ଦ୍ରରେ କୋଭିଡ୍ ଟେଷ୍ଟ କରାଯାଉଛି। ଆରଟି-ପିସିଆର, ଆଣ୍ଟିଜେନ୍ ଏବଂ ଟ୍ରୁନାଟ ପରୀକ୍ଷା କରାଯାଉଛି। ଦୈନିକ ବିଭିନ୍ନ କେନ୍ଦ୍ରରେ ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଟେଷ୍ଟିଂ କରାଯାଉଛି। ତେବେ ଟେଷ୍ଟିଂ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟିଂ ପାଇଁ ଆସୁଥିବା ଲୋକେ ଘଣ୍ଟା ଘଣ୍ଟା ଧରି ଛିଡା ହେଉଛନ୍ତି। ଗୁରୁଜଙ୍ଗରୁ ଆସିଥିବା କେ. ସୁବା ରାଓ କହିଛନ୍ତି, କୋଭିଡ୍ ପରୀକ୍ଷା ଲାଗି ପ୍ରଥମେ ଟିକଟ କାଉଣ୍ଟରରେ ଛିଡ଼ା ହୋଇ ଟିକଟ କରିବାକୁ ପଡୁଛି। ପୁଣି ଡାକ୍ତରଙ୍କ ପକ୍ଷରୁ ପରୀକ୍ଷା ଲାଗି ଅନୁମତି ପତ୍ର ପାଇବା ପରେ କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯିବାକୁ ପଡୁଛି ବୋଲି କହିଛନ୍ତି। ମେଡିକାଲ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଦୁଇ ମିନିଟ ପରୀକ୍ଷଣ ଲାଗି ଖରାରେ ୪ଘଣ୍ଟା ଧାଡିରେ ଛିଡ଼ା ହେବାକୁ ପଡୁଛି ବୋଲି ଉପରସାହିର ଶୁଭ୍ରାଂଶୁ ଦାସ ଏବଂ ଗୁରୁଜଙ୍ଗର ରାକେଶ ସାହୁ କହିଛନ୍ତି। ସେହିପରି ମୁକୁନ୍ଦପ୍ରସାଦରୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି, କୋଭିଡ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବା ଯେତିକି କଷ୍ଟ ନୁହଁ, ପରୀକ୍ଷା ପାଇଁ ଧାଡିରେ ଛିଡ଼ା ହେବାରେ ଯନ୍ତ୍ରଣା ବଢ଼ିଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଝିନି


@ ସୁଶାନ୍ତ


@ ସୌମ୍ୟ


@ ଦୁର୍ଗାପ୍ରସାଦ


@ ସୋନାଲି


@ କୁନୁ


@ ଗୁଡୁଲୁ

# ଜଳକଷ୍ଟରେ ଅତିଷ୍ଠ ମର୍ଦ୍ଦରାଜପୁରବାସୀ

- ପାଇପ୍ ପାଣିରୁ ବଞ୍ଚିତ ଗ୍ରାମବାସୀ
- ପ୍ରଶାସନ, ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

**କୃଷ୍ଣପ୍ରସାଦ,୨୭।୪(ଡି.ଏନ୍.ଏ.)**

ଗ୍ରୀଷ୍ମପ୍ରବାହ ଯୋଗୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଫଳରେ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମନ୍ତ୍ରୀଙ୍କଠାରୁ ବିଭାଗୀୟ ଅଧିକାରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ବ୍ଲକ ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉ ନ ଥିବାରୁ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ପାଇପ୍ ଯୋଗେ ତୁରନ୍ତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ମର୍ଦ୍ଦରାଜପୁର ଗ୍ରାମରେ ୪୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ରହିଥିବା ଗୋଟିଏ ନଳକୂପରୁ ଲୌହଗୁଣ୍ଡ ପାଣି ବାହାରିବାରୁ ପିଇବା ଉପଯୋଗୀ ହୋଇପାରୁ ନାହିଁ। ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଛା ହୋଇଥିବା ପାଇପ୍ ଦୁଇ ମାସ ଧରି ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବାରୁ ବଡ଼ଖାଡ଼ ସରପଞ୍ଚ ସତ୍ୟବାନ ତରେଇ ପାଣି ଟାଙ୍କି ମାଧ୍ୟମରେ ଦିନକୁ ଦୁଇଥର ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେଉଛନ୍ତି। ଆବଶ୍ୟକ ମୁତାବକ ପାଣି ମିଳୁନାହିଁ ବୋଲି ଗ୍ରାମର ଧୀର ବିଶ୍ୱାଳ, ଆଲୋକ ନାୟକ, ଆକାଶ ପ୍ରଧାନ, ଦୁଲି ବିଶ୍ୱାଳ କହିଛନ୍ତି। ନଳକୂପରୁ ବାହାରୁଥିବା ପାଣିକୁ ପିଇ ସ୍ଥାନୀୟ ବାସିନ୍ଦା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗ୍ରାମର ଭୋବନୀ ବିଶ୍ୱାଳ, ଦୁର୍ଯ୍ୟୋଧନ ବିଶ୍ୱାଳ, ସନାତନ ବିଶ୍ୱାଳ, ପ୍ରମିଳା ନାୟକ, ସୁଷମା ବିଶ୍ୱାଳ, ଇନ୍ଦୁ ବିଶ୍ୱାଳ ପ୍ରମୁଖ କହିଛନ୍ତି। ତେବେ ୮କି.ମି. ଦୂର କମଳେଶ୍ୱର ଦେବଙ୍କ ପୀଠ ଏବଂ ଚିଲିକା ନୂଆପଡାରୁ ସ୍ୱଚ୍ଛ ପାଣି ଆଣି ଲୋକେ ପିଉଛନ୍ତି। ଗ୍ରାମରେ ନଳକୂପ, ପୋଖରୀ ଖନନ ସହ ପାଇପ୍ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ଦାବି ହୋଇଛି। ଏହି ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ କହିଛନ୍ତି।


ପାଣି ପାଇଁ ଅପେକ୍ଷା କରିଥିବା ମହିଳାମାନେ।

# କୋଭିଡ୍ ସଚେତନତା ଉପରେ ଗୁରୁତ୍ୱ

**ବେଗୁନିଆ,୨୭।୪(ଡି.ଏନ୍.ଏ.)**

**ବେଗୁନିଆରେ ବଢ଼ୁଛି ଆକ୍ରାନ୍ତଙ୍କ ସଂଖ୍ୟା**
- ବ୍ଲକରେ ୫୬ ପଜିଟିଭ ଚିହ୍ନଟ
- ୧୦ ହଜାରଙ୍କୁ ଟିକା ଦିଆଯାଇଛି
- ୬୫ ହଜାର ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମଣ ରୋକିବା ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦିଗନ୍ତ ରାଉତରାୟ ଅଧକ୍ଷତା କରିଥିଲେ। ଗାଁକୁ ଗାଁ ବୁଲି ସଚେତନତା ସୃଷ୍ଟି କରିବା, ସଂକ୍ରମିତଙ୍କୁ ଉପଯୁକ୍ତ ଚିକିତ୍ସା ସହାୟତା, ଗାଁ ବିଶୋଧନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଶ୍ମିରେଖା ଦାସ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟ, ପ୍ରଶିକ୍ଷକ (ପିଏଚ୍‌ଇଓ) ପ୍ରଭାସିନୀ ପଣ୍ଡାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ଏକ ସପ୍ତାହ ମଧ୍ୟରେ ଏହି ବ୍ଲକ ଅଞ୍ଚଳରେ ୫୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୭ଜଣ ସୁସ୍ଥ ହୋଇଥିବା ବେଳେ ୪୯ଜଣ ହୋମ ଆଇସୋଲେଶନରେ ରହିଛନ୍ତି। ଅନ୍ୟପକ୍ଷେ ବ୍ଲକ ଅଞ୍ଚଳରେ ୧୦ହଜାରଙ୍କୁ ଟିକା ଦିଆଯାଇଛି। ଅମାନିଆଙ୍କଠାରୁ ପ୍ରାୟ ୬୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।